## ସଂକ୍ଷେପରେ

### ସାଇକେଲ ଆରୋହୀଙ୍କ ଉପରେ ଚଢ଼ିଗଲା ଟ୍ରକ୍

ତାଳଚେର,୨।୯(ମନୋଜ ନନ୍ଦ)

ତାଳଚେର ୧୪୯ ନଂ. ଜାତୀୟ ରାଜପଥ ବହ୍ଲର ଛକଠାରେ ଶନିବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଚେର ବ୍ଲକ ସନ୍ଥପଡା ଗ୍ରାମର ଗୋବର୍ଦ୍ଧନ ସାମଲ(୭୫)। ଗୋବର୍ଦ୍ଧନ ସାଇକେଲ ଯୋଗେ ବହ୍ଲର ଛକରୁ ଥର୍ମାଲ ଅଭିମୁଖେ ଯାଉଥିବାବେଳେ ଏକ ଟ୍ରକ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ଖବରପାଇ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଚଳାଇଛି।

### ଅବକାରୀ ଚଢ଼ାଉ, ମଦ ଜବତ

ବଇଣ୍ଡା,୨।୯(ପରିକ୍ଷିତ ସାହୁ)

ହଣ୍ଡପା ଥାନା ଡଙ୍ଗାଧର ଗ୍ରାମରେ ଶନିବାର ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଅଟକ ରଖି ପଚରାଉଚରା ପରେ ଛାଡି ଦିଆଯାଇଛି। ସେମାନଙ୍କ ଘର ପଛ ପଟୁ ମଦ ଜବତ କରାଯାଇଥିଲେ ମଧ୍ୟ ଉକ୍ତ ଜାଗା ଚିହ୍ନଟ ହୋଇ ନ ପାରିବାରୁ ସେମାନଙ୍କୁ ଗିରଫ କରାଯାଇନାହିଁ। ଗ୍ରାମରେ ଚୋରା ଦେଶୀ ମଦ ବିକ୍ରି କରାଯାଉଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।

### ବଜ୍ରପାତରେ ଗାଈ ମୃତ

ଛେଣ୍ଡିପଦା,୨।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମରେ ସୋମବାର ବଜ୍ରପାତ ଘଟି ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଗ୍ରାମର ବାଙ୍ଗତରଗାଡିଆସାହି ନିକଟରେ ଥିବା ତେନ୍ତୁଳିଖାଲ ବାଙ୍କିଡ଼ିପ ନିକଟରେ ଅପରାହ୍ନରେ କିଛି ଗୋରୁ ଚରୁଥିଲେ। ସେହି ସମୟରେ ବଜ୍ରପାତ ଘଟି ଏକ ଗାଈର ମୃତ୍ୟୁ ହୋଇଥିଲା। ଅନ୍ୟ ଏକ ଗାଈ ଆହାତ ହୋଇଥିବା ଜଣାପଡିଛି। ମୃତ ଗାଈ ବାଙ୍ଗତରଗାଡିଆସାହିର ପ୍ରମୋଦ ସାହୁଙ୍କ ବୋଲି ଜଣାପଡିଛି। ଏ ନେଇ ସେ ପ୍ରାଣୀଧନ ବିଭାଗ ଓ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଅବଗତ କରିଛନ୍ତି। ତୁରନ୍ତ ପ୍ରମୋଦଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କଣିହାଁରେ ଅଘୋଷିତ ବିଦ୍ୟୁତ୍‌କାଟ

କଣିହାଁ,୨।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅଞ୍ଚଳରେ ଶୁକ୍ରବାର ୬ ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍‌କାଟ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସକାଳ ୯ଟା ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ଯୋଗୁ ଜନସାଧାରଣ ଖରା ଗୁଳୁଗୁଳିରେ ଛଟପଟ ହୋଇଥିଲେ। ଜାଣିଶୁଣି ବିଦ୍ୟୁତ୍ ବିତରକ କମ୍ପାନୀ ଏପରି କରୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଚୋରାରେ ବିଦ୍ୟୁତ୍ ଜାଳୁ ଥିବା ଲୋକ ଓ ସଂସ୍ଥାକୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏପରି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ପ୍ରଶାସନିକ ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି।

### ନକନକାବାସୀଙ୍କୁ ଥଇଥାନ ଦାବି

କଣିହାଁ,୨।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କମରେଇ ପଞ୍ଚାୟତ ନକନକା ଗ୍ରାମବାସୀଙ୍କୁ ବନ୍ୟାଜଳରୁ ମୁକ୍ତ କରି ଥଇଥାନ ଦାବିରେ ଶୁକ୍ରବାର ଭାଜପା ନେତା ବିଭୁତି ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ କଣିହାଁ ତହସିଲ ଡାନିଏଲ ଏକ୍କାଙ୍କ ଜରିଆରେ ଅନୁଗୋଳ ଜିଲାପାଳ, ତାଳଚେର ଉପଜିଲାପାଳ, ଜଳସମ୍ପଦ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଗ୍ରାମବାସୀ ବନ୍ୟାଜଳକୁ ନେଇ ହନ୍ତସନ୍ତ ହେଉଛନ୍ତି। ସିଙ୍ଗିଡା ନଦୀରେ ପ୍ରବାହିତ ବନ୍ୟା ଜଳରେ ଚାଷ ଜମି ଜଳମଗ୍ନ ସହିତ ବାସଗୃହ, ରୋଷେଇ ଘର ପାଣିରେ ବୁଡି ରହିଛି। ଗ୍ରାମବାସୀଙ୍କୁ ଥଇଥାନ କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ସନ୍ତୋଷ ବେହେରା, ପ୍ରଭାକର ନାଏକ, ଲୋଚନ ଦାସ, ଚକ୍ରାନ୍ତ ସାହୁ, ବୃନ୍ଦାବନ ବେହେରା, କମରେଇ ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ଭୁତିଆଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଉପସ୍ଥିତ ଥିଲେ।

# ୨୨୨ ଛାତ୍ରୀଛାତ୍ରଙ୍କୁ ୫ ଶିକ୍ଷକ

- ଖାଲି ପଡ଼ିଛି ୩ ପଦବୀ
- ବଢ଼ୁଛି ଅସନ୍ତୋଷ
- ଜିଲାପାଳଙ୍କ ନିକଟରେ ଅଭିଯୋଗ

ବଇଣ୍ଡା,୨।୯(ପରିକ୍ଷିତ ସାହୁ)

ଶିକ୍ଷାର ବିକାଶ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଅନେକ ପୁରୁଣା ବିଦ୍ୟାଳୟରେ ବହୁ ସମସ୍ୟା ଲାଗି ରହିଥିବା ବେଳେ ଏହାର ସମାଧାନ କରାଯାଉନାହିଁ। କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠି ଶ୍ରେଣୀ ଗୃହ ଅଭାବ ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଆଠମଲ୍ଲିକ ବ୍ଲକ ଟାପଡ଼ୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଆଜକୁ ଦୁଇବର୍ଷ ହେବ ୩ ଶିକ୍ଷକ ପଦବୀ ଖାଲି



ଟାପଡ଼ୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ପଡିଥିବାବେଳେ ପୂରଣ କରାଯାଉନାହିଁ। ଏ ନେଇ ଗୁରୁବାର ଅଞ୍ଚଳବାସୀ ଓ ଶିକ୍ଷା କମିଟି ପକ୍ଷରୁ ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ୧୯୯୮ମସିହାରେ ଗ୍ରାମବାସୀଙ୍କ ସହାୟତାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୨୨୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଉକ୍ତ ବିଦ୍ୟାଳୟରେ ଦୀର୍ଘଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଛି। ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ପାଇଁ ୮ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ୫ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ପ୍ରଧାନ ଶିକ୍ଷକ ସମେତ ୨ ଜଣ କଳା ଶିକ୍ଷକ ପଦବୀ ଖାଲି ପଡିଛି। ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ର ମାନେ ପାଠ ପଢ଼ିବାକୁ ଅମଙ୍ଗ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟିସଭାପତି ସୁନୀଲ ବେହେରା, ପ୍ରଶାନ୍ତ ସାହୁ, ମିନତୀ ଦେହୁରୀ, ସୁକାନ୍ତି ସେଠୀ, ଲକ୍ଷ୍ମଣ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମହାଳିକ କହିଛନ୍ତି, ଶିକ୍ଷକ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ଆଠମଲ୍ଲିକ ବିଇଓଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଠୀ କହିଛନ୍ତି, ଶିକ୍ଷକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଉକ୍ତ ବିଦ୍ୟାଳୟରେ ଖାଲି ପଡିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯିବ।

# ସଜେଇ ହେଉଛି ଆଲୁମିନିୟମ ନଗରୀ



ବଣ୍ଡଁରପାଳ,୨।୯(ଉପେନ୍ଦ୍ର ରାଉତ)

### ୧୭ରେ ବିଶ୍ୱକର୍ମା ପୂଜା

ଆସନ୍ତା ୧୭ ତାରିଖରୁ ନାଲ୍‌କୋରେ ବିଶ୍ୱକର୍ମା ପୂଜା ଆରମ୍ଭ ହେବ। ଏହି ପୂଜା ୮ ଦିନ ଧରି ଚାଲିବ। ଏଥିପାଇଁ ଏବେଠାରୁ ଚଳଚଞ୍ଚଳ ହୋଇପଡିଛି ନାଲ୍‌କୋନଗର। ଚଳିତ ବର୍ଷ ୧୮ ମଣ୍ଡପରେ ଦେବଶିଳ୍ପୀ ପୂଜା ପାଇବେ। ବିଭିନ୍ନ ପୂଜା କମିଟି ପକ୍ଷରୁ ଏଥିଲାଗି ବ୍ୟାପକ ପ୍ରସ୍ତୁତି ଚାଲିଛି। ମୂର୍ତ୍ତି ଓ ତୋରଣ କାର୍ଯ୍ୟ ଜୋରଦାର ଭାବେ କରାଯାଉଛି। ବଙ୍ଗୀୟ କାରିଗରଙ୍କ ସହ କଟକ, ଅନୁଗୋଳର ବଡ଼ବଡ଼ ଟେଣ୍ଟ ପକ୍ଷରୁ ତୋରଣ ନିର୍ମାଣ ଓ ସାଜସଜ୍ଜା କାର୍ଯ୍ୟ କରାଯାଉଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଲାଗି ପଡ଼ିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ୫୦୦ରୁ ଅଧିକ ଉଠା ଦୋକାନୀ ଏଠାରେ ବ୍ୟବସାୟ କରିବେ। ମିନା ବଜାର ଓ ପଲିଶ୍ରୀ ମେଳା ମୁଖ୍ୟ ଆକର୍ଷଣ ସାଜିବ। ଆଲୋକ ଓ ଲାଇଟ୍ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

# ଅନ୍ତେବାସୀଙ୍କ ସାମୂହିକ ଜନ୍ମଦିନ ପାଳିତ

ଢେଙ୍କାନାଳ,୨।୯(ରତନ ନାୟାର)

ଢେଙ୍କାନାଳ ପୌରପରିଷଦ ଶ୍ୟାମାଚରଣପୁରସ୍ଥିତ ଆଦୃତା ଶିଶୁ ସଦନର ୨୩ଜଣ ଅନ୍ତେବାସୀଙ୍କ ଗୁରୁବାର ସାମୂହିକ ଜନ୍ମଦିନ ପାଳିତ ହୋଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସଦର ବିଧାୟକ ସୁଧୀର କୁମାର ସାମଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁସଦନ ଛାତ୍ରମାନଙ୍କ ଦ୍ୱାରା ଯୋଗାସନ, ସଂଗୀତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଲାମାନେ କେକ୍ କାଟି ଓ ପରସ୍ପର ମଧ୍ୟରେ ରାଖୀ ବାନ୍ଧି ଜନ୍ମଦିନ ପାଳନ କରିଥିଲେ। ଢେଙ୍କାନାଳ ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ସଦସ୍ୟ କୃଷିଦା ବେଗମ, ଢେଙ୍କାନାଳ


ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରମାନେ।

ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ବିମଳ ପୋଦାର, ଶ୍ୟାମାଚରଣପୁର ଆଞ୍ଚଳିକ ଉନ୍ନୟନ ପରିଷଦ ଉପସଭାପତି ଯୋଗୀନାଥ ମହାନ୍ତି, ଢେଙ୍କାନାଳ ସାଂସ୍କୃତିକ ପରିଷଦ ଭୁବନେଶ୍ୱରର ପ୍ରତିନିଧି ମଳୟ ରଞ୍ଜନ କାନୁନ୍‌ଗୋ, ସାଇଶ୍ରୀକ୍ଷେତ୍ର ସେବାଦଳର ବ୍ରଜକିଶୋର ମହାନ୍ତି, ଅମରେନ୍ଦ୍ର ଖୁଣ୍ଟିଆ, ସନ୍ଦୀପ୍ ଷଡଙ୍ଗୀ, ରାଜପରିବାର ପକ୍ଷରୁ ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଯୁବରାଣୀ ମିନାଲ କୁମାରୀ, ଭବାନୀ ଶଙ୍କର ସିଂହଦେଓ, ସଚେତନ ନାଗରିକ ଫୋରମ୍ ପକ୍ଷରୁ ଭରତ ଦାସ, ଗୁପ୍ତେଶ୍ୱର ମିଶ୍ର, ପୂର୍ବତନ ନଗରପାଳ ନବୀନ ଦଲେଇ, ଶ୍ରଦ୍ଧା ଅଗ୍ରୱାଲ, ଅମିତା ଜୟସ୍ୱାଲ, ପ୍ରତିମା ସିହ୍ନା, ଲୋକନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପୀ ପରେଶ ପଟ୍ଟନାୟକ, ଶିବପ୍ରସାଦ ପଣ୍ଡା ପରିଚାଳନା କରିଥିଲେ। ଢେଙ୍କାନାଳ ଶାଖା ମୁଖ୍ୟ ବିରଞ୍ଚି ପାଣି ଅଧ୍ୟକ୍ଷତା କରିଥିଲେ। ରୋଟାରିଆନ୍ ରାଜକିଶୋର ବେହେରା ଧନ୍ୟବାଦ ଦେଇଥିଲେ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ,୨।୯(ରତନ ନାୟାର)

ଢେଙ୍କାନାଳ କଣ୍ଟାନାଳୀ ବାଇପାସସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିବାକର ସାହୁ, ବଧିର ବିଭାଗର ଶରତ କୁମାର ନାଥ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶଙ୍କର୍ଷଣ ନାୟକଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅପରାହ୍ନରେ ଆୟୋଜିତ ଏକ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ମନୋଜ ପାଣିଗ୍ରାହୀ ଓ କର୍ମଚାରୀ ବଳରାମ ସାହୁ ବିଦାୟୀ ଶିକ୍ଷକ ଓ କର୍ମଚାରୀଙ୍କ ଗୁଣଗାନ କରିଥିଲେ। ଅକ୍ଷମ କଲ୍ୟାଣ ସମିତି ସମ୍ପାଦକ ବିଶ୍ୱନାଥ ବେହେରା ସଭା ସଂଯୋଜନା କରିଥିଲେ। ବଧିର ବିଭାଗର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁ, ଶିକ୍ଷକ ସରୋଜ କୁମାର ସାମଲ ଓ କର୍ମଚାରୀ ସିଦ୍ଧେଶ୍ୱର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ଅଧାରୁ ପାଠ ଛାଡ଼ିଥିବା ପିଲା ନେଇପାରିବେ ସୁଯୋଗ

ଢେଙ୍କାନାଳ,୨।୯(ରତନ ନାୟାର)

### ରାଜ୍ୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ମେଗା କ୍ୟାମ୍ପ

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଥିବା ଜିଲା ମୁକ୍ତ ବିଦ୍ୟାଳୟ କେନ୍ଦ୍ର ସଭା ଗୃହରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ଦ୍ୱିତୀୟ ମେଗା କ୍ୟାମ୍ପ-୨୦୨୩ ଗୁରୁବାର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଯୋଗଦେଇ ରାଜ୍ୟ ମୁକ୍ତ ବିଦ୍ୟାଳୟ ଜିଲା କେନ୍ଦ୍ର ଅଧୀନରେ ମୋଟ ୩୬୪ ଜଣ ନୂତନ ପିଲା ସ୍ୱର୍‌ରେ ନାମ ଲେଖାଇଥିବାରୁ ଉଦ୍ୟୋକ୍ତାମାନଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦାନ କରି ମେଗା କ୍ୟାମ୍ପର ସଫଳତା ଶିକ୍ଷା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ବୋଲି ମତ ପୋଷଣ କରିଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ଢେଙ୍କାନାଳ ଜିଲା କେନ୍ଦ୍ର ସଂଯୋଜକ ବ୍ରହ୍ମୋତ୍ରୀ ବିଶ୍ୱାଳ ଯୋଗଦେଇ ଅଧାରୁ ପାଠ ଛାଡିଥିବା ପିଲାମାନେ ଏହି ଯୋଜନାର ସୁଯୋଗ ନେଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମର ସହସଂଯୋଜକ ଧାନଚାନ୍ଦ ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବ୍ଲକ୍ ନୋଡାଲ ପ୍ରଧାନଶିକ୍ଷକ, ରାଜ୍ୟ ମୁକ୍ତ ବିଦ୍ୟାଳୟ କେନ୍ଦ୍ର, ପିରାମଲ୍ ଫାଉଣ୍ଡେଶନ୍‌ର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।


କ୍ୟାମ୍ପରେ ଉପସ୍ଥିତ ଅତିଥିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ।

# ଅଗ୍ନିବୀର ପାଇଁ ସଚେତନତା

ଢେଙ୍କାନାଳ,୨।୯(ରତନ ନାୟାର)

ଢେଙ୍କାନାଳ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମହିଳା ମହାବିଦ୍ୟାଳୟ ଓ ଆଞ୍ଚଳିକ ଯୁକ୍ତ୨ ମହାବିଦ୍ୟାଳୟ ସିମିଳଇଠାରେ ଶନିବାର ଆଶାୟୀ ବାଳିକାମାନଙ୍କ ପାଇଁ ଅଗ୍ନିବୀର ନିମନ୍ତେ ଏକଦିବସୀୟ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆନ ଆର୍ମି ସମ୍ବଲପୁରର ସହକାରୀ ନିଯୁକ୍ତି ଅଧିକାରୀ ସଫତୁଲ୍ଲା ଏବଂ ହାବିଲଦାର ଶୁଭଙ୍କର ଅଗ୍ନିବୀର ପ୍ରବେଶ ସୁବିଧା ତଥା ବହୁବିଧ ଉପକାରିତା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ମହିବିଦ୍ୟାଳୟର ଅଧ୍ୟକ୍ଷ, ଆଞ୍ଚଳିକ ଯୁକ୍ତ୨ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରମୁଖ 'ବେଟି ବଚାଓ, ବେଟି ପଢାଓ' ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ପରିଚାଳନା କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀମାନେ।

# ଆଦିତ୍ୟ ଏଲ୍-୧ ସଫଳ ଉତ୍କ୍ଷେପଣ ନେଇ ସଚେତନତା

ଢେଙ୍କାନାଳ,୨।୯(ରତନ ନାୟାର)

ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ରରେ ଶନିବାର ସକାଳେ ସୂର୍ଯ୍ୟାଭିମୁଖୀ ଆଦିତ୍ୟ ଏଲ୍-୧ର ସଫଳ ଉତ୍କ୍ଷେପଣ ଅବସରରେ ସଚେତନତା ଓ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଭାରତୀୟ ମହାକାଶ ଆଧାରିତ ସୌର ମିଶନ ଉପରେ ଆଧାରିତ ପ୍ୟାନେଲ ପ୍ରଦର୍ଶନୀ କରାଯାଇଥିଲା। ଏହି ପ୍ୟାନେଲ ପ୍ରଦର୍ଶନୀରେ ଆଦିତ୍ୟ ଏଲ୍-୧ର ଉତ୍କ୍ଷେପଣ ତଥା ସେଥିରେ ବ୍ୟବହୃତ ବିଭିନ୍ନ ବୈଜ୍ଞାନିକ ଉପକରଣ ଏବଂ ସୂର୍ଯ୍ୟର ପର୍ଯ୍ୟବେକ୍ଷଣ ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରୀ ମୋହନ ରାଉତ ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଜିଲା ବିଜ୍ଞାନ କେନ୍ଦ୍ରରେ ଏହି ପ୍ୟାନେଲ ପ୍ରଦର୍ଶନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



ପ୍ୟାନେଲ ପ୍ରଦର୍ଶନୀରେ ବିଜ୍ଞାନ କେନ୍ଦ୍ର ଅଧିକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି


ଖବରଦାତାରେ ସମ୍ମିଳନୀରେ ଉପସ୍ଥିତ ବିଜେଡିର ନେତୃବୃନ୍ଦ।

ତାଳଚେର,୨।୯ (ମନୋଜ ନନ୍ଦ)

### ବିଧାୟକଙ୍କ କାର୍ଯ୍ୟାଳୟ ପରିସରରୁ ବୋମା ମିଳିବା ଘଟଣା

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନନ୍ଦିରା କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଏକ ବୋମା ଜବତ କରାଯାଇଥିଲା। ଏହି ବୋମା ଖଞ୍ଜିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ତାଳଚେର ବିଜୁ ଜନତା ଦଳ। ଶନିବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଏହା ବିରୋଧୀଙ୍କ ହୀନ ଚକ୍ରାନ୍ତ ବୋଲି ତାଳଚେର ବିଜୁ ଜନତା ଦଳର ସଭାପତି ସନ୍ତୋଷ ପ୍ରଧାନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ସଭ୍ୟା ସତ୍ୟଭାମା ସାହୁ, ଜିଲା ସାଧାରଣ ସମ୍ପାଦକ ରାଜେଶ ଦାସ, କାଉନସିଲର ଜଗନ୍ନାଥ ଗଡ଼ନାୟକ, ଜିଲା ଉପସଭାପତି ସୁଧୀର ସିଂସାମନ୍ତ, ବ୍ଲକ ଯୁବ ସଭାପତି ଆଶିଷ ପ୍ରଧାନ, ବ୍ଲକ ମହିଳା ସଭାପତି ଖୁଲଣା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଅନୁଗୋଳ ବିଜେଡି ପକ୍ଷରୁ ୫୫ ନମ୍ବର ଜାତୀୟ ରାଜପଥର ଦୁରାବସ୍ଥା ଓ ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ ଜମିହରା ପ୍ରଜାଙ୍କ ପ୍ରତି ଅନ୍ୟାୟ ବିରୋଧରେ ଆନ୍ଦୋଳନ କରିବାକୁ ଜମିହରା ପ୍ରଜା ଏବଂ ଦଳୀୟ କର୍ମୀମାନେ ନନ୍ଦିରାସ୍ଥିତ କାର୍ଯ୍ୟାଳୟଠାରେ ଏକଜୁଟ ହୋଇଥିଲେ। ସେଠାରେ ଏକ ବୋମା ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବୋମାକୁ ନିଷ୍କ୍ରିୟ କରିଥିଲା।

### ୬୨ ୟୁନିଟ୍ ରକ୍ତ ସଂଗୃହୀତ

ଛେଣ୍ଡିପଦା,୨।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋରଡା ପଞ୍ଚାୟତ ବିଜୁ ଯୁବ ଜନତା ଦଳର ଯୁବ ନେତା ସତ୍ୟାନନ୍ଦ ସାହୁ ତାଙ୍କ ପୁଅ ଜନ୍ମଦିନରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ। 'ଓଡିଶା ମୋ ପରିବାର' ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ତଥା ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ, ଜିଲା କାର୍ଯ୍ୟକାରୀ ସଭାପତି ତଥା ଜିଲା ପରିଷଦ ପ୍ରଦିପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ବିଜୁ ଜନତା ଦଳର ବ୍ଲକ ସଭାପତି ଶରତ ଗଡନାୟକ ପ୍ରମୁଖ ସାମିଲ ହୋଇଥିଲେ। ବିଜୁ ଯୁବ ଜନତା ଦଳର ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ସଭାପତି ଆଶିଷ ପ୍ରଧାନ ଓ ଜିଲା ସମ୍ପାଦକ ଦିଲ୍ଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ଡିଆରଏମ୍‌ଙ୍କୁ ଦାବିପତ୍ର

ବଇଣ୍ଡା,୨।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବଇଣ୍ଡା ରେଳ ଷ୍ଟେଶନ ଏବେ ବହୁ ଅବହେଳିତ ଅବସ୍ଥାରେ ରହିଛି। ଏହି ଷ୍ଟେଶନ ଦେଇ ୨୨ଟି ଟ୍ରେନ ଯାଉଥିବାବେଳେ ଏବେ ୧୪ଟି ଏକ୍ସପ୍ରେସ ଟ୍ରେନ ଏହି ଷ୍ଟେଶନରେ ରହଣି କରୁନାହିଁ। ଏ ନେଇ ଶନିବାର ବଇଣ୍ଡାଠାରେ ସମ୍ବଲପୁର ଡିଭିଜିନାଲ ରେଲୱେ ମ୍ୟାନେଜର (ଡିଆରଏମ୍) ବିନୀତ ସିଂଙ୍କୁ ବଇଣ୍ଡା ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଏହି ରେଳ ଷ୍ଟେଶନରେ ଯାତ୍ରୀଙ୍କୁ ଠିକ୍ ଭାବେ ମୌଳିକ ସୁବିଧା ମିଳୁନାହିଁ। ଏହି ଷ୍ଟେଶନ ଦେଇ ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା-ଭୁବନେଶ୍ୱର, ବିଶାଖାପାଟଣା-ଅମୃତସର, ପୁରୀ-ହାଟିଆ, ଦୁର୍ଗପୁରୀ,


ପ୍ରତିନିଧି ମଣ୍ଡଳୀ ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର- ଲୋକମାନ୍ୟତିଲକ, ପୁରୀ- ଲୋକମାନ୍ୟତିଲକ, ଭୁବନେଶ୍ୱର-ଆନନ୍ଦବିହାର, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ, ବିକାନର-ପୁରୀ , ପୁରୀ-ଯୋଧପୁର, ସମ୍ବଲପୁର -ପୁରୀ ଇଣ୍ଟରସିଟି, ପୁରୀ -ସୁରଟ ଏକ୍ସପ୍ରେସ ଆଦି ୨୨ଟି ଏକ୍ସପ୍ରେସ ଟ୍ରେନ ଯାଉଥିବାବେଳେ ୧୪ଟି ଏକ୍ସପ୍ରେସ ଟ୍ରେନ ରହଣି କରୁନାହିଁ। କରୋନା ପୂର୍ବରୁ ଏହି ଷ୍ଟେଶନ ଦେଇ ଯାଉଥିବା ପୁରୀ-ଅହମଦାବାଦ, ପୁରୀ-ବିକାନର, ରାଉରକେଲା-ଗୁଣୁପୁର, ପୁରୀ ଦୁର୍ଗ, ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ ଟ୍ରେନ ଗୁଡିକ ହଲ୍ଟ କରୁଥିବାବେଳେ କରୋନା ପରଠାରୁ ଏହି ଟ୍ରେନ ଗୁଡିକ ବଇଣ୍ଡା ଷ୍ଟେଶନଠାରେ ରହଣି କରୁନାହିଁ। ଫଳରେ ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି। ଏହି ଷ୍ଟେଶନ ଉପରେ କିଶୋରନଗର, ଆଠମଲ୍ଲିକ, ଛେଣ୍ଡିପଦା ବ୍ଲକର ୫୦ଟି ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଏହି ଷ୍ଟେଶନରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଉଥିବାବେଳେ ମଧ୍ୟ ଷ୍ଟେଶନର ବିକାଶ କରାଯାଉନାହିଁ। ଷ୍ଟେଶନରେ ୨୦ ଷ୍ଟ୍ରିଟ ଲାଇଟ ଥିବାବେଳେ ସେଥିରୁ ୫ ଟି ଅଚଳ ହୋଇପଡିଛି। ଫଳରେ ଯାତ୍ରୀମାନେ ରାତିରେ ଯିବାକୁ ସୁରକ୍ଷିତ ମନେ କରୁନାହାନ୍ତି। ସେହିପରି ଷ୍ଟେଶନ ପର୍ଯ୍ୟନ୍ତ ଯାଇଥିବା ୧ କିମି ରାସ୍ତାକୁ ପୁନରୁଦ୍ଧାର କରାଯାଇ ନୂତନ ରାସ୍ତା ନିର୍ମାଣ କରାଯାଉ ନାହିଁ। ଷ୍ଟେଶନରେ ଥିବା ଶୌଚାଳୟଗୁଡିକ ଅନେକ ସମୟରେ ସଫା କରାଯାଉ ନ ଥିବା ଯୋଗୁ ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମର ସମ୍ପାଦକ ଲକ୍ଷ୍ମୀଧର ବେହେରା, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଜିତେନ୍ଦ୍ର ବେହେରା, ପରିକ୍ଷିତ ସାହୁ, ବିନୀତ ସାହା, ଝୁଙ୍କୁନା ମହାପାତ୍ର, ଉଗ୍ରେସନ ସେଠୀ, ରବୀନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଅନ୍ତର୍ଯ୍ୟାମୀ ମିଶ୍ର ମୁକ୍ତ ବିଶ୍ୱବିଦ୍ୟାଳୟ ପରିଚାଳନା ବୋର୍ଡ ସଦସ୍ୟ ନିଯୁକ୍ତ

ଢେଙ୍କାନାଳ, ୨।୯(ରତନ ନାୟାର)

ଢେଙ୍କାନାଳର ବିଶିଷ୍ଟ ଗବେଷକ, ଭାଷାବିତ୍ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପରିଚାଳନା ବୋର୍ଡ ସଦସ୍ୟ ଭାବେ ଆସନ୍ତା ୩ବର୍ଷ ପର୍ଯ୍ୟନ୍ତ ରାଜ୍ୟପାଳ ତଥା କୁଳାଧିପତି ନିଯୁକ୍ତ କରିଛନ୍ତି। ଏଥିନିମନ୍ତେ ବହୁ ଶିକ୍ଷାବିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ତାଙ୍କୁ ସ୍ୱାଗତ ଜଣାଇବା ସହିତ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ତାଙ୍କର ୩୭ଖଣ୍ଡ ପୁସ୍ତକ ମଧ୍ୟରୁ ୧୦ଖଣ୍ଡ ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରଦର୍ଶିତ। ଦୀର୍ଘ ପାଞ୍ଚ ଦଶନ୍ଧି ଧରି ସେ ଓଡିଆ ଭାଷା ଉପରେ ଗବେଷଣା କରୁଥିବାରୁ ରାଷ୍ଟ୍ରପତି ଚଳିତ ବର୍ଷ ତାଙ୍କୁ ଶିକ୍ଷା, ସାହିତ୍ୟ ନିମିତ୍ତ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ। ସେହିପରି ଗବେଷଣା ମାଧ୍ୟମରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବେ ପ୍ରତିପାଦନ କରିଥିବାରୁ ସେ ୨୦୧୯ରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ପ୍ରମାଣପତ୍ର ନିମିତ୍ତ ମନୋନିତ ହେବା ସହ ୫ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପାଇଥିଲେ। ଏଥି ସହିତ ସେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି'ଲିଟ୍ ଉପାଧି ପାଇଛନ୍ତି।

### ଚାରାରୋପଣ କାର୍ଯ୍ୟକ୍ରମ



ପରଜଙ୍ଗ, ୨।୯(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ଡମୋଳ ଗ୍ରାମରେ ଶୁକ୍ରବାର ସରପଞ୍ଚ ସୁନୀଲ କୁମାର ଧଳଙ୍କ ପ୍ରଚେଷ୍ଟାରେ ବୃକ୍ଷମାଳା ଯୋଜନାରେ ବନବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଏଫଓ ସୁମିତି କୁମାର କର ଯୋଗଦେଇ ଗ୍ରାମବାସୀଙ୍କୁ ବୃକ୍ଷରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ରାହ୍ମଣୀ ନଦୀକୂଳରେ ୫ କିଲୋମିଟର ବ୍ୟାପି ଚାରାରୋପଣ କରାଯାଇଥିଲା।

### ଏମ୍‌ପି, ବିଧାୟକଙ୍କ ଶୋକ

ଢେଙ୍କାନାଳ, ୨।୯(ରତନ ନାୟାର): ପୂର୍ବତନ ବାଚସ୍ପତି ତଥା ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏବଂ ବିଧାୟକ ସୁଧୀର କୁମାର ସାମଲ ଶୋକବ୍ୟକ୍ତ କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ପରଲୋକଗତ ସୂର୍ଯ୍ୟ ପାତ୍ର ମନ୍ତ୍ରୀ, ବାଚସ୍ପତି ଓ ବିଧାୟକ ଭାବେ ବହୁ ସଂସ୍କାରମୂଳକ କାର୍ଯ୍ୟ କରିଥିବାରୁ ସେ ସବୁବେଳେ ନିଜର କାର୍ଯ୍ୟଦକ୍ଷତା ପାଇଁ ସ୍ମରଣୀୟ ହୋଇରହିବେ ବୋଲି ଏମ୍‌ପି ଶୋକ ବାର୍ତ୍ତାରେ କହିଛନ୍ତି।

### ବ୍ଲକସ୍ତରୀୟ ଓଷ୍ଟା ସଂଘର କର୍ମଚାରୀ ସମ୍ମିଳନୀ

ସାତମାଇଲ, ୨।୯(ସୁଶାନ୍ତ କୁମାର ପତି)

ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ବାର୍ଷିଙ୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଓଷ୍ଟା ସଂଘର କର୍ମଚାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅସରଡା ସରପଞ୍ଚ ବାସନ୍ତୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ଓଷ୍ଟା ରାଜ୍ୟ ଶାଖା ସଂଘ ଉପସଭାପତି ପ୍ରମୋଦ ସ୍ୱାଇଁ, ପୂର୍ବତନ ନୋଡାଲ ଅଫିସର ସୁକାନ୍ତ ମାଝି, କୁରୁଣିଆଁ ସରପଞ୍ଚ ଅରୁଣ ବିଶ୍ୱାଳ, ହିନ୍ଦୋଳ ବ୍ଲକ ଓଷ୍ଟା ସଂଘ ସମ୍ପାଦକ ତପନ ସାମଲ ଯୋଗଦେଇଥିଲେ। ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଦାବିକୁ ସରକାର ଅଣଦେଖା କରୁଛନ୍ତି। ଢେଙ୍କାନାଳ ଜିଲାରେ ଅନେକ ବିଦ୍ୟାଳୟରେ ଶିକ୍ଷକ ଅବସର ପରେ ବହୁ ପଦବୀ ଖାଲି ପଡିଛି। ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ୫ ତାରିଖ ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରି ଭୁବନେଶ୍ୱରରେ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜି.ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରେଶ୍ୱର ମିଶ୍ର ସଂଯୋଜନା କରିଥିଲେ। ଶିକ୍ଷକ ସାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୁଶାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

# ଧାରଣାରେ ବସିଲେ ସଫେଇ କର୍ମଚାରୀ

## ସ୍ୱାୟତ୍ତ ଶାସନ ଦିବସ ପାଳନରେ ଅବ୍ୟବସ୍ଥା

ଢେଙ୍କାନାଳ, ୨।୯(ରତନ ନାୟାର)




ଧାରଣାରେ ବସିଥିବା ସଫେଇ କର୍ମଚାରୀ।

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଥିଲା। ବିଗତ ବର୍ଷମାନଙ୍କରେ ଏହି ଦିବସରେ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଯନ୍ତ୍ରୀ, କର୍ମଚାରୀ ଓ ସଫେଇ କର୍ମଚାରୀମାନେ ଏକାଠି ଭୋଜିଭାତ କରି ପାଳନ କରିଥାନ୍ତି। କିନ୍ତୁ ଚଳିତବର୍ଷ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଗୋଟିଏ ଜାଗାରେ ଭୋଜିଭାତ କରିଥିବା ବେଳେ ସଫେଇ କର୍ମଚାରୀମାନଙ୍କ ପାଇଁ ଅନ୍ୟ ଏକ ଜାଗାରେ ଭୋଜିଭାତର ବ୍ୟବସ୍ଥା କରାଯାଇଥିଲା, ଯାହାକୁ ନେଇ ସଫେଇ କର୍ମଚାରୀମାନେ ପ୍ରତିବାଦ କରିଛନ୍ତି। ଶନିବାର ମଧ୍ୟାହ୍ନରେ ସଫେଇ କର୍ମଚାରୀମାନେ ଏହି ଘଟଣାକୁ ନେଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆମେ ଅନୁସୂଚିତ ଜାତି, ଜନଜାତି ବୋଲି ଆମକୁ ପୌରସଂସ୍ଥା ପକ୍ଷରୁ ବାସନ୍ଦ କରାଗଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଖବରପାଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ସଫେଇ କର୍ମଚାରୀମାନଙ୍କୁ ବୁଝାଶୁଝା କରିବା ସହିତ ନିଜର ଭୁଲ ସ୍ୱୀକାର କରିଥିଲେ। ଆଗାମୀ ଦିନରେ ଏଭଳି ଭୁଲ ହେବ ନାହିଁ। ସମସ୍ତେ ମିଳିମିଶି ଭୋଜିଭାତ କରିବା ବୋଲି କହି ସଫେଇ କର୍ମଚାରୀଙ୍କୁ ବୁଝାଇବା ପରେ ସେମାନେ ଧାରଣାରୁ ଉଠିଥିଲେ।

## ଏମ୍‌ପିଙ୍କୁ ଅଣଦେଖା

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ପାଳିତ ସ୍ୱାୟତ୍ତ ଶାସନ ଦିବସରେ ଏମ୍‌ପି ମହେଶ ସାହୁଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଢେଙ୍କାନାଳ ପୌରସଂସ୍ଥା ନିଜ ଆୟତ୍ତରେ ନ ଥାଇ ପର ଆୟତ୍ତରେ ପଡି ଏଭଳି କାର୍ଯ୍ୟ କରୁଥିବା ଏମ୍‌ପି ନିଜ ପ୍ରତିକ୍ରିୟାରେ କହିଛନ୍ତି। ସ୍ଥାନୀୟ ବିଧାୟକଙ୍କ ସମେତ ଜିଲାପାଳ, ଏସ୍‌ପି, ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଏମ୍‌ପିଙ୍କୁ ଅଣଦେଖାକୁ ନେଇ ତାଙ୍କ ସମର୍ଥକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଛନ୍ତି, ଯଥେଷ୍ଟ ପୂର୍ବରୁ ତାଙ୍କ ନିକଟରେ ନିମନ୍ତ୍ରଣ କାର୍ଡ ପହଞ୍ଚାଇବାକୁ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମୁଁ ମଧ୍ୟ ଫୋନ ଯୋଗେ ତାଙ୍କୁ ଆସିବାକୁ ଅନୁରୋଧ କରିଥିଲି।

# କୃଷକଙ୍କ ହାତମୁଠା ଟାଣ ହେଲେ ଦେଶ ଆଗେଇବ

ବଇଣ୍ଡା, ୨।୯(ପରିକ୍ଷିତ ସାହୁ)

କୃଷକର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେ ଗୁଡିକ କିଭଳି କୃଷକଙ୍କଠାରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। କୃଷକଙ୍କ ହାତମୁଠା ଟାଣ ହେଲେ ଦେଶ ଆଗେଇବ ବୋଲି ଶୁକ୍ରବାର ଆଠମଲ୍ଲିକ ବ୍ଲକ କନ୍ତପଡାଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ କୃଷକ ସମାବେଶ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହା କହିଛନ୍ତି। ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ ପରିଷଦର ଅଧ୍ୟକ୍ଷ ସଦାଶିବ ନାୟକ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ପ୍ରଧାନ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀଚରଣ ପ୍ରଧାନ, ବିଜେଡି ନେତା ବୃଷଭ ସ୍ୱାଇଁ, ସଚ୍ଚିଦାନନ୍ଦ ମହାନ୍ତି, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ରାଉତ, ଗଣେଶ୍ୱର ପ୍ରଧାନ, ଗ୍ରାମ ସଭାପତି ଅଜିତ ପ୍ରଧାନ, ମଦନମୋହନ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।



ବିଧାୟକଙ୍କୁ ବିଜେଡି କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ରାଜ୍ୟସ୍ତରୀୟ ନାଟକ ଉତ୍ସବ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ 'ଶେଷ ପାହାଚ' ମଞ୍ଚସ୍ଥ

ଅନୁଗୋଳ, ୨।୯(ଅମିତ କୁମାର ସାମଲ)

ରାଜ୍ୟସ୍ତରୀୟ ନାଟକ ଉତ୍ସବ ଅନୁଗୋଳ ସଭାଘରଠାରେ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ସନ୍ଧ୍ୟାରେ 'ଜାଗୃତି ଇନଷ୍ଟିଚ୍ୟୁଟ ଅଫ ଥିଏଟର' (ଅଜିତ) ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ 'ଶେଷ ପାହାଚ' ପ୍ରଦର୍ଶିତ ହୋଇଥିଲା। ୮ ଜଣ ବୁଢ଼ା ବୁଢ଼ୀ ଆଉ ଜଣେ ଯୁବକ ଚାକରକୁ ନେଇ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଅଦରକାରୀ ମନେ ହେଉଥିବା ବୁଢ଼ାବୁଢ଼ୀମାନେ ସମାଜ ଆଉ ସଂସାରରୁ ବିତାଡିତ ହୋଇ ଏକାଠି ଗୋଟିଏ ଭଡ଼ା ଘରେ ବାନପ୍ରସ୍ଥ ନାମକ ଏକ ଆଶ୍ରମ ଗଢ଼ିଛନ୍ତି। ସେମାନେ ସଂସାରରେ ଅଦରକାରୀ ନୁହଁନ୍ତି ବୋଲି ଦେଖାଇବାକୁ ଚାହିଁଛନ୍ତି। ମରିବାକୁ ଯାଉଥିବା ଗାୟକ ବିରଞ୍ଚି ପଣ୍ଡାଙ୍କୁ ସେମାନେ ବଞ୍ଚେଇ ରଖିବାକୁ ଚାହାଁନ୍ତି, ଯେମିତି ତା'ର ବଞ୍ଚିବା ସାଙ୍ଗରେ ସେମାନଙ୍କର ବଞ୍ଚି ରହିବା ସମାନ ବୋଲି ନାଟକରେ ଦର୍ଶାଯାଇଛି। ଡ. ବିଜୟ ମିଶ୍ରଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଅଜିତ ଦାସ। ସହ ନିର୍ଦ୍ଦେଶକ ଅମନ ଥିବା ବେଳେ ଅନୁଷ୍ଠାନର ଡ. ମାୟା ଦାସ ଏହାର ପରିଚାଳନା କରିଥିଲେ। ବିଭିନ୍ନ ଭୂମିକାରେ କଳିଙ୍ଗ, ଅମିୟ, ଦେବାନନ୍ଦ ନାୟକ, ନୀଳ, ଉପେନ୍ଦ୍ର, ରଜେଶ୍ୱରୀ, କେପି, ବିଭୁ, ସିଦ୍ଧାର୍ଥ, ଆରୋଜିତ, କାବେରୀ, ରମେଶରୀ ଓ ଅର୍ଚ୍ଚିତା ଅଭିନୟ କରିଛନ୍ତି। ସଙ୍ଗୀତରେ ରାଜେନ୍ଦ୍ର, କୈଳାସ, ଆଲୋକରେ ଦୀପକ, ପୋଷାକରେ ମାମା, ରୂପ ସଜ୍ଜାରେ ଦାଦା, ମଞ୍ଚ ପରିଚାଳନାରେ ସାଗର ପଟ୍ଟନାୟକ, ହିମାଂଶୁ, ବିଜୟ ସହଯୋଗ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେଶରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ନିର୍ଦ୍ଦେଶକ ନବଦୀପ ମହାଳିକ, କଳାକାର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ମଞ୍ଚ ପରିଚାଳନା ଅଭିନେତା ସୁଧାଂଶୁ ଦ୍ୱିବେଦୀ ଯୋଗଦେଇଥିଲେ। ଅଜିତ ଅନୁଷ୍ଠାନର ପରିଚାଳକ ଡ. ମାୟା ଦାସଙ୍କୁ ସମ୍ମାନିତ କରାଯାଇଥିଲା।



ନାଟକର ଏକ ଦୃଶ୍ୟରେ କଳାକାରମାନେ ଅଭିନୟ କରୁଛନ୍ତି।

# ବରିଷ୍ଠ ନାଗରିକ ସମାଜର ଅବିଚ୍ଛେଦ୍ୟ ଅଙ୍ଗ

ଢେଙ୍କାନାଳ, ୨।୯(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ କାରିଗରସାହି ଅଭିନନ୍ଦନ ଗାର୍ଡେନ୍‌ଠାରେ ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସଭାପତି ପ୍ରହ୍ଲାଦ ତ୍ରିପାଠୀ ଓ ସମ୍ପାଦକ କୃଷ୍ଣମୋହନ ସାହ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡ. ବିଧୁଭୂଷଣ ନନ୍ଦ, ଡ. ପୀତବାସ ଷଡଙ୍ଗୀ, ଅନ୍ନଦା ଶଙ୍କର ପତି, ବସନ୍ତ ପଟ୍ଟନାୟକ, ଜମେଶ୍ୱର ପୃଷ୍ଟି, ଅଜୟ ମିଶ୍ର, ଚକ୍ରଧର ସାହୁ, ଭିକାରୀ ଚରଣ ରାଉତ, ନୀଳନ୍ ମିଶ୍ର, କେଶବ ବେହେରା, ବିପିନି ବିହାରୀ ଶତପଥୀ, ଉପେନ୍ଦ୍ର ରାଉତ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତପ୍ରକାଶ କରିଥିଲେ। ପରିଶେଷରେ ଉପଦେଷ୍ଟା ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ମୁଁ ବି ମିତା' ଅଭିଯାନ ଉଦ୍‌ଘାଟିତ

ଅନୁଗୋଳ, ୨।୯(ଅମିତ କୁମାର ସାମଲ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାରେ ଅଧିକରୁ ଅଧିକ ଯୋଗ୍ୟଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ ହୋଇଛି। ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ଟୋପି ଓ ବ୍ୟାଚ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ଗଣତନ୍ତ୍ରର ନିର୍ବାଚନ ପ୍ରକ୍ରିୟାରେ ତ୍ରୁଟିଶୂନ୍ୟ ଓ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରସ୍ତୁତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏ ଦିଗରେ ସଫଳତା ହାସଲ ପାଇଁ 'ମୁଁ ବି ମିତା' କାର୍ଯ୍ୟକ୍ରମ ସହାୟକ ହେବ। 'ମୁଁ ବି ମିତା' ଆମ୍ବାସଡରମାନେ ଘରକୁ ଘର ଯାଇ ଲୋକମାନଙ୍କୁ ସଚେତନ କରିବା ସହ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପ୍ରଣାଳୀ ବୁଝାଇବେ। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ବରନ୍ୟାନ୍ଦୁ ମହାନ୍ତି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ଓ ପାଲଲହଡ଼ା ତହସିଲଦାର ଲମ୍ବୋଦର ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ କଲେଜର ଛାତ୍ରୀମାନେ।

# ଚନ୍ଦ୍ରଯାନ–୩ ଡେମୋ ଧରି ଶୋଭାଯାତ୍ରା




ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଢେଙ୍କାନାଳ, ୨।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ରଣପଶିଠାରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଚନ୍ଦ୍ରଯାନ–୩ର ସଫଳତା ପାଇଁ ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରୀଛାତ୍ରମାନେ ଚନ୍ଦ୍ରଯାନ–୩ର ଡେମୋକୁ ଧରି ସହରସ୍ଥିତ ବାଜିଚୌକଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିରେ ୭୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ମହିଷାପାଟସ୍ଥିତ ୧୨ ଓଡିଶା ଏନ୍‌ସିସି ବାଟାଲିୟନ ମୁଖ୍ୟ କର୍ଣ୍ଣେଲ ଏଲଏନ୍ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ମିନି ଷ୍ଟାଡିୟମଠାରେ ପହଞ୍ଚିବା ପରେ ସେଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ବିଜ୍ଞାନ କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ।

# ବାଙ୍କଧରାରୁ ବଅଁରପାଳ ୪ ଲେନ୍ ନ କଲେ ଆନ୍ଦୋଳନ

ତାଳଚେର, ୨।୯ (ମନୋଜ ନନ୍ଦ)

ବାଙ୍କଧରାରୁ ବଅଁରପାଳ ପର୍ଯ୍ୟନ୍ତ ୧୪୯ ନମ୍ବର ଜାତୀୟ ରାଜପଥରେ ହଜାର ହଜାର କୋଇଲା ଟ୍ରକ ଯାତାୟାତ କରୁଛି। ରାସ୍ତାର ଦୋହରୀକରଣ ନ ହେବା ଓ ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ପ୍ରାଣହାନୀ ହେଉଛି। ତେଣୁ ଏହି ରାସ୍ତାକୁ ଖୁବଶୀଘ୍ର ୪ଲେନ କରାଯିବା ସହିତ କୋଇଲା ପରିବହନ ପାଇଁ ବାଙ୍କଧରା ଠାରୁ ବହ୍ଲର ପର୍ଯ୍ୟନ୍ତ ଓଭରବ୍ରିଜ କରିବା ପାଇଁ ତାଳଚେର ସଡକ ସୁରକ୍ଷା ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ତାଳଚେର ସଡ଼କ ସୁରକ୍ଷା ପରିଷଦ ପକ୍ଷରୁ ପୂର୍ବତନ ନଗରପାଳ କେଶବ ଭୂତିଆ, ଯୁବନେତା ସଂଗ୍ରାମ କେଶରୀ କୁଅଁର, ପ୍ରେମାନନ୍ଦ ମହାନ୍ତି, ଅଭୟ କୁମାର ପାଣି, ପ୍ରଫୁଲ ନାଏକ, ଆଡଭୋକେଟ ନଖିଆ ସାହୁ, ବିନୋଦ ଲାଲ, ପ୍ରଦୀପ ମହାରଣା, ସୁକାନ୍ତ ଦାସ, ସୁବାସ ଚନ୍ଦ୍ର ମହାନ୍ତି, ବିଜୟ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ନକଲ ଜିଲାପାଳ ଏବଂ ଏସପିଙ୍କୁ ପ୍ରଦାନ କରାଯାଇଛି। ସରକାର ଶୀଘ୍ର କାର୍ଯ୍ୟପନ୍ଥା ଗ୍ରହଣ ନ କଲେ ଆଗାମୀ ଦିନରେ ତାଳଚେର ସଡକ ସୁରକ୍ଷା ପରିଷଦ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ରୋଗୀ କଲ୍ୟାଣ ସମିତି ବୈଠକ

ଭୁବନ, ୨।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଡାକ୍ତରଖାନାରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଡାକ୍ତରଖାନାରେ ନୂତନ ଡ୍ରେନ୍ ନିର୍ମାଣ, କାଓ କାଚର ନିର୍ମାଣ, ଶିଶୁ ଉଦ୍ୟାନ, ଡାକ୍ତର ଓ କର୍ମଚାରୀ ବାସା ଘର ମରାମତି, ଗାଡି ପାର୍କିଂ ସ୍ଥଳ, କୋଭିଡ୍ ୱାର୍ଡକୁ ରାସ୍ତା ନିର୍ମାଣ, ଡାକ୍ତରଖାନା ପଛପଟ ପାଚେରୀ ନିର୍ମାଣ ଆଦି ପାଇଁ ୯ ଲକ୍ଷ ୯୫ ହଜାର ୫୦୦ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍‌ଏସି ନିର୍ବାହୀଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନୂତନ ପ୍ରତିନିଧି ଭାବେ ରମେଶ ଚନ୍ଦ୍ର ସାହୁ, ଅଜୟ ସେଠୀ, ପପୁ ସାହୁ ଓ ପୁଷ୍ପଲତା ଦାସ ଯୋଗଦେଇଥିଲେ। ଶୁଭକାନ୍ତ ଆଚାର୍ଯ୍ୟ ପରିଚାଳନା କରିଥିଲେ।




ବୈଠକରେ ଉପସ୍ଥିତ ଅତିଥିମାନେ।

# ଶିଶୁ ଅଧିକାର, ବାଲ୍ୟବିବାହ ବିରୋଧୀ ସଚେତନତା

ବଇଣ୍ଡା, ୨।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଫୁଲାମ୍ବା ହାଇସ୍କୁଲ ପରିସରରେ ଶୁକ୍ରବାର କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ଓ ବିଶ୍ୱ ଯୁବକେନ୍ଦ୍ର ବାଣିନାଳୀ ଦ୍ୱାରା ପରିଚାଳିତ ପ୍ରକଳ୍ପ 'ଆକ୍ସେସ ଟୁ ଜଷ୍ଟିସ' ତରଫରୁ ଶିଶୁ ଅଧିକାର ଓ ବାଲ୍ୟବିବାହ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ, ସୁବଳ ବୁଢ଼ିଆ, ପ୍ରଦୀପ ମାଝୀ, ଅଞ୍ଜନା ସାହୁ, ଶୋଭାଙ୍ଗିନୀ ବେହେରା, ଘାସିରାମ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଝିଅମାନଙ୍କ ଉପରେ ହେଉଥିବା ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ଅତ୍ୟାଚାର, କିଶୋରକିଶୋରୀଙ୍କ ଦ୍ୱାରା ମୋବାଇଲର ଅପବ୍ୟବହାର ଓ ବାଲ୍ୟବିବାହକୁ କିପରି ରୋକାଯାଇପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଜ୍ୟୋସ୍ନିତା ପ୍ରଧାନ, ଦୀପକ ସାହୁ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

# ଦୁର୍ଘଟଣା ରୋକିବାକୁ ପଦକ୍ଷେପ ନେବା ପାଇଁ ଦାବିପତ୍ର

## ବାଙ୍କଧରା ଛକରୁ ଚାଇଁପାଳ ରାସ୍ତା ମରଣଯନ୍ତା

ତାଳଚେର, ୧।୯ (ମନୋଜ ନନ୍ଦ)

ବାଙ୍କଧରା ଛକରୁ ଚାଇଁପାଳ ଯାଏଁ ୧୪୯ନଂ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଫଳରେ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ତେଣୁ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ନେବାକୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ଜିଲା ଭାଜପା ଉପ ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ତାଳଚେରର ସଚେତନ ନାଗରିକବୃନ୍ଦଙ୍କ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

ତାଳଚେର ଏକ ଶିଳ୍ପନଗରୀ ହୋଇଥିବା ବେଳେ ଏହି ଅଞ୍ଚଳରୁ କେନ୍ଦ୍ର ଓ ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧୫ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ପାଉଛନ୍ତି। ଏହି ଅଞ୍ଚଳର ଲୋକ ପ୍ରତିନିଧିମାନେ ତାଳଚେରର ସମସ୍ୟାଗୁଡ଼ିକ ଉପରେ ଆଖିବୁଜି ଦେଇଛନ୍ତି। ତେଣୁ ତାଳଚେର ସଚେତନ ନାଗରିକମାନଙ୍କ ପକ୍ଷରୁ ବାଙ୍କଧରାଠାରୁ ଚାଇଁପାଳ ପର୍ଯ୍ୟନ୍ତ ରାସ୍ତାରେ ଘଟୁଥିବା ଦୁର୍ଘଟଣା ରୋକିବା ଉପରେ ପ୍ରଶାସନ ପଦକ୍ଷେପ ନେବାକୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ରାସ୍ତାକୁ ପ୍ରଶସ୍ତୀକରଣ କରାଯାଉ, ବାଙ୍କଧରା ଠାରୁ ବହ୍ଲର ପର୍ଯ୍ୟନ୍ତ ଅଧିକ ଟ୍ରାଫିକ ପୋଲିସ ମୁତୟନ କରି କୋଇଲା ବୋଝେଇ ଟ୍ରକର ଗତିକୁ ନିୟନ୍ତ୍ରଣ କରାଯାଉ, ଏମସିଏଲ ଦ୍ୱାରା ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରି କୋଇଲା ବୋଝେଇ ଟ୍ରକଗୁଡ଼ିକୁ ନିୟନ୍ତ୍ରିତ କରାଯାଇ ଜାତୀୟ ରାଜପଥକୁ ଛଡ଼ାଯାଉ, କୋଇଲା ବୋଝେଇ ଟ୍ରକ ଦ୍ୱାରା ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ ଜିଲା ଖଣିଜ ପାଣ୍ଠିରୁ ଅନ୍ୟୂନ ୨୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉ ଓ ଧୂଳିଧୂଆଁ ରୋକିବାକୁ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯାଉ। ଏହି ୫ଦଫା ଦାବି ଉପରେ ଆସନ୍ତା ୭ଦିନ ମଧ୍ୟରେ ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।



ଦାବିପତ୍ର ଦେବାକୁ ଯାଇଥିବା ସଚେତନ ନାଗରିକମାନେ।

